# ଓପିଜିସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



**ଲଖନପୁର, ୨୩।୨(ନି.ପ୍ର):** ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ(ଓପିଜିସି) ପକ୍ଷରୁ ଆଜି ଦଳଗାଁ ଉଚ୍ଚ ବିଦ୍ୟାଳୟ ଠାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ସକାଳ ୧୦ଟାରେ ଓପିଜିସି ଡାକ୍ତରଖାନାର ମୁଖ୍ୟ ଡାକ୍ତର ବିଜୟଲାଲ ବିଶ୍ୱାଳ ଶିବିରଟିକୁ ଉଦଘାଟନ କରିଥିବା ବେଳେ ଡାକ୍ତର ସଙ୍ଗୀତା ପଣ୍ଡା, ଚକ୍ଷୁ ବିଶେଷଜ୍ଞ ଡାକ୍ତର ଦିଲିପ କୁମାର ପଟେଲ, ଡା.ଏକାନ୍ତ ପ୍ରଧାନ, ଆଶିଷ ରାୟ, ଓ୍ୱାଇ.ସି ରାଓ, ଲକ୍ଷ୍ମଣ କୁମାର କର୍ମି ଓ ଡାକ୍ତର ଶୁଭଙ୍କର ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅବସରରେ ୬୦୧ଜଣ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସେଥିମଧ୍ୟରୁ ପ୍ରାୟ ସମସ୍ତ ବ୍ୟକ୍ତିଙ୍କୁ ଔଷଧ, ଇଞ୍ଜେକ୍ସନ ପ୍ରଦାନ କରାଯାଇ ଥିବା ବେଳେ ୪୫ଜଣଙ୍କର ରକ୍ତଶର୍କରା ପରୀକ୍ଷା କରାଯାଇଥିଲା । ଏହିଅବସରରେ ଓପିଜିସିର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲିପ ପଣ୍ଡା ଲୋକସଂପର୍କ ଅଧିକାରୀ ହିମାଂଶୁ ଭୂଷଣ ବେହେରା, ଡାକ୍ତରଖାନାର ଦାମୋଦର ନାୟକଙ୍କ ସମେତ ଅଧିକାଂଶ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ରହିଥିଲେ । ସକାଳ ୧୦ଟାରୁ ଅପରାହ୍ନ ୬ଟା ପର୍ଯ୍ୟନ୍ତ ଏହିଶିବିର ଚାଲିଥିଲା ।